**ଜରାଜୀର୍ଣ୍ଣ ରାସ୍ତାର ମରାମତି ପାଇଁ ଅର୍ଥ ବ୍ୟବସ୍ଥା**

**SAQ No.୯୨ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଉମରକୋଟ ନିର୍ବାଚନ ମଣ୍ଡଳୀର ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ କେଉଁ କେଉଁ ରାସ୍ତା ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ କେଉଁ କେଉଁ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ, ସରକାର ଜଣାଇବା ସଙ୍ଗେ ସଙ୍ଗେ ଏଥିପାଇଁ ବ୍ୟବସ୍ଥା କରିବେ କି, ସେହିଭଳି ଏହି ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସଡ଼କ କେତେ ରହିଛି ଓ ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ କେତେ ଅର୍ଥର ବ୍ୟବସ୍ଥା ହୋଇଛି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ , ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ :-**

ଉମରକୋଟ ନିର୍ବାଚନ ମଣ୍ଡଳୀରେ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା କୌଣସି ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ବିଭାଗ ନଜରରେ ନାହିଁ । ଏହି ଯୋଜନାରେ ସଂପୂର୍ଣ୍ଣ ହୋଇଥିବା ୨୩୭.୬୩ କି.ମି. ଦୈର୍ଘ୍ୟ ବିଶିଷ୍ଟ ୫୮ ଗୋଟି ରାସ୍ତା ୫ ବର୍ଷ ରକ୍ଷଣାବେକ୍ଷଣ ଅବଧି ପୂର୍ଣ୍ଣ କରିସାରିଅଛି । ସେଥିମଧ୍ୟରୁ ୧୧୮.୫୫ କି.ମି. ଦୈର୍ଘ୍ୟ ବିଶିଷ୍ଟ ୨୯ ଗୋଟି ରାସ୍ତା Periodical Maintenance ଯୋଜନାରେ ହାତକୁ ନିଆଯାଇ Renewal Coat କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି । ଏତଦ୍ ବ୍ୟତୀତ ବର୍ତ୍ତମାନ ୪୪.୮୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ୭ ଗୋଟି ରାସ୍ତାର Renewal Coat କାର୍ଯ୍ୟ Periodical Maintenance ଯୋଜନାରେ ଚାଲୁରହିଅଛି। ଅବଶିଷ୍ଟ ୭୪.୨୮ କି.ମି. ଦୈର୍ଘ୍ୟ ବିଶିଷ୍ଟ ୨୨ ଗୋଟି ରାସ୍ତାର ମରାମତି ଆବଶ୍ୟକ ପଡୁଥିବା ସ୍ଥଳେ ଉକ୍ତ ରାସ୍ତା ଗୁଡ଼ିକର Renewal Coat କାର୍ଯ୍ୟ ସରକାରଙ୍କ ଅନୁଦାନକୁ ନଜରରେ ରଖି ପର୍ଯ୍ୟାୟକ୍ରମେ କରାଯିବାର ଯୋଜନା ରହିଅଛି । ଏହାର ସବିଶେଷ ବିବରଣୀ ପରିଶିଷ୍ଟ "କ" ମାଧ୍ୟମରେ ପ୍ରଦାନ କରାଗଲା ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ନିୟମାନୁସାରେ ୨୦୦୧ ଜନଗଣନାକୁ ଭିତ୍ତିକରି ଯୋଗ୍ୟବିବେଚିତ ହୋଇଥିବା ସମସ୍ତ ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି । ତଦନୁସାରେ ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇଘର ବ୍ଲକ (LWE Block) ରେ ୨୦୦୧ ଜନଗଣନା ଅନୁସାରେ ୧୦୦ ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସମସ୍ତ ଅସଂଯୋଜିତ ଗ୍ରାମ ଏବଂ ଉମରକୋଟ ବ୍ଲକର ୨୫୦ ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସମସ୍ତ ଅସଂଯୋଜିତ ଗ୍ରାମକୁ ସଂଯୋଗ କରାଯାଇଅଛି ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଧାର୍ଯ୍ୟ ନିୟମ ବାହାରେ ଅସଂଯୋଜିତ ହୋଇରହିଥିବା ଗ୍ରାମ ଗୁଡ଼ିକର ସଂଖ୍ୟାର ତଥ୍ୟ ଉକ୍ତ ବିଭାଗ ପାଖରେ ଉପଲବ୍ଧ ନୁହେଁ । ପ୍ରାୟତଃ ଏହିସବୁ ଅସଂଯୋଜିତ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପରିସରଭୁକ୍ତ ଅଟେ।

ଉମରକୋଟ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ମୋଟ ୪ ଗୋଟି ରାସ୍ତା (୧୦.୩୫ କି.ମି.) ନିର୍ମାଣ କରାଯାଇଅଛି । ଚଳିତ ଆର୍ଥିକ ବର୍ଷରେ ଏହି ୪ ଗୋଟି ରାସ୍ତା ପାଇଁ ୧୨ ଲକ୍ଷ ୮୫ ହଜାର ଟଙ୍କାର ବ୍ୟବସ୍ଥା ରହିଅଛି । ଏହାର ସବିଶେଷ ବିବରଣୀ ପରିଶିଷ୍ଟ "ଖ" ମାଧ୍ୟମରେ ପ୍ରଦାନ କରାଗଲା ।

**ବୋରିଗୁମ୍ମା ସହରାଞ୍ଚଳକୁ ପୌର ସଂସ୍ଥାରେ ପରିଣତ**

***94. ଶ୍ରୀ ତାରା ପ୍ରସାଦ ବାହିନୀପତି :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରାଞ୍ଚଳଟି ଏକ ପୌରସଂସ୍ଥା ହେବାପାଇଁ ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି କି ;ରାଜ୍ୟର ଅନ୍ୟ ସମସାମୟିକ ସହରାଞ୍ଚଳକୁ ପୌରସଂସ୍ଥାରେ ପରିଣତ କରାଯାଇଥିବା ବେଳେ ବୋରିଗୁମ୍ମାକୁ ଏପରି ମାନ୍ୟତା ନ ମିଳିବାର କାରଣ କଣ; ବହୁ ବିଳମ୍ବ ହୋଇଥିଲେ ବି ସରକାର ଏ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରି ବୋରିଗୁମ୍ମାବାସୀକୁ ନ୍ୟାୟ ଦେବେ କି ?

**ଉତ୍ତର**

ଶ୍ରୀ ପ୍ରତାପ ଜେନା

ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ,ଓଡିଶା

କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରାଞ୍ଚଳଠାରେ ଏକ ପୌରସଂସ୍ଥା ଗଠନ ସଂକ୍ରାନ୍ତିୟ ପ୍ରସ୍ତାବ ମିଳିବାପରେ ଉକ୍ତ ପ୍ରସ୍ତାବକୁ ଆଇନ ଅନୁଯାୟୀ ତର୍ଜମା କରାଯାଉଛି । ତର୍ଜମାର ଅଂଶ ସ୍ୱରୂପ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେବାପାଇଁ କୋରାପୁଟ ଜିଲ୍ଲାପାଳଙ୍କ ସହିତ ପତ୍ରାଳାପ କରାଯାଇଛି । ଉକ୍ତ ତଥ୍ୟ ହସ୍ତଗତ ହେବାପରେ ଆଇନର ବ୍ୟବସ୍ଥା ଅନୁଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

**ଦାଦନଙ୍କ ଜିଲ୍ଲାୱାରୀ ତଥ୍ୟ**

*95. **ଶ୍ରୀ ମୁକେଶ ମହାଲିଙ୍ଗ: ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି –** (କ) Covid-19 ସମୟରେ କେଉଁ ଜିଲ୍ଲାର କେତେ ଜଣ ଦାଦନ ଶ୍ରମିକ କେଉଁ ରାଜ୍ୟରୁ ଫେରିଥିଲେ I ଆଜି ସୁଦ୍ଧା କେଉଁ ଜିଲ୍ଲାର କେତେ ଜଣ ଦାଦନ ଶ୍ରମିକ କେଉଁ ରାଜ୍ୟକୁ ପୁଣି ଯାଇଛନ୍ତି ଜିଲ୍ଲାୱାରୀ ତଥ୍ୟ ଦେବା ସହ ସେମାନଙ୍କର Skill Development ର ସମ୍ପୂର୍ଣ୍ଣ ବିବରଣୀ ଓ ରାଜ୍ୟର ଶିଳ୍ପାୟନରେ ସେମାନଙ୍କର ସମ୍ଭାବ୍ୟ Employment ସମ୍ବନ୍ଧରେ ସରକାରଙ୍କ ମତାମତ କଣ ; (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀର ଦାଦନ ଶ୍ରମିକଙ୍କ ଗ୍ରାମପଞ୍ଚାୟତୱାରୀ ତାଲିକା ସହ ସେମାନଙ୍କର Skill Mapping ର ବିବରଣୀ ଉପସ୍ଥାପନ କରିବେ କି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ,**

**ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ, ଓଡିଶା ।**

Covid-19 ସମୟରେ ବାହାର ରାଜ୍ୟରୁ 10,07,330 ଜଣ ପ୍ରବାସୀ ଶ୍ରମିକ ଆମ ରାଜ୍ୟକୁ ଫେରିଅଛନ୍ତି, ଯାହାର ଜିଲ୍ଲାୱାରୀ ତଥ୍ୟ ***ପରିଶିଷ୍ଟ 'କ'*** ରେ ପ୍ରଦାନ କରାଗଲା । ବିଭିନ୍ନ ରାଜ୍ୟରୁ ଫେରିଥିବା ଏହି ଶ୍ରମିକମାନଙ୍କର ତଥ୍ୟ ***ପରିଶିଷ୍ଟ 'ଖ'*** ରେ ପ୍ରଦାନ କରାଗଲା ।

ଶ୍ରମ ବିଭାଗ ଅନ୍ତର୍ଗତ ଶ୍ରମ ନିର୍ଦ୍ଦେଶାଳୟସ୍ଥିତ ଶ୍ରମିକ ସହାୟତା Call Centre ତରଫରୁ ଇତି ମଧ୍ୟରେ ପ୍ରବାସୀ ପ୍ରବଣ ଜିଲ୍ଲା ଯଥା- ବଲାଙ୍ଗିର, ବରଗଡ, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲାର 1,00,535 ଜଣ ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଅଛି । ତନ୍ମଧ୍ୟରୁ 3,509 ଜଣ ଶ୍ରମିକ ବିଭିନ୍ନ ରାଜ୍ୟକୁ ଫେରି ଯାଇଅଛନ୍ତି । ଏହାଛଡା 62,286 ଜଣ ଶ୍ରମିକ ବଲାଙ୍ଗିର, ବରଗଡ, କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ଅଦ୍ୟାବଧି ଅଛନ୍ତି ଏବଂ 34,740 ଜଣ ଶ୍ରମିକଙ୍କ ସଠିକ୍ ଟେଲିଫୋନ ନମ୍ବର ଅଭାବରୁ ଯୋଗାଯୋଗ ସମ୍ଭବ ହୋଇନାହିଁ ।

ଫେରନ୍ତା ଶ୍ରମିକମାନଙ୍କର Skill ସମ୍ବନ୍ଧୀୟ ତଥ୍ୟ ***ପରିଶିଷ୍ଟ 'ଗ'*** ରେ ପ୍ରଦାନ କରାଗଲା ।

ଏତଦ୍ ବ୍ୟତୀତ, ଶିଳ୍ପାୟନ ନିମିତ୍ତ, ସରକାର ରାଜ୍ୟସ୍ତରୀୟ ଏକୀକୃତ ନିର୍ଗମନ କର୍ତ୍ତୃପକ୍ଷ (SLSWCA) ମାଧ୍ୟମରେ 52ଗୋଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରିଅଛନ୍ତି, ଯାହାଦ୍ୱାରା 1,17,803,68 କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ 53,786ଟି Employment ସୃଷ୍ଟିର ସମ୍ଭାବନା ରହିଛି ।

(ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀର ପ୍ରବାସୀ ଶ୍ରମିକମାନଙ୍କର ଗ୍ରାମପଞ୍ଚାୟତୱାରୀ ତାଲିକା ସହ ସେମାନଙ୍କର Skill Mapping ର ବିବରଣୀ ***ପରିଶିଷ୍ଟ 'ଘ'*** ରେ ପ୍ରଦାନ କରାଗଲା ।

**ରାସ୍ତା ହସ୍ତାନ୍ତର**

**SAQ No. 98- ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ**: ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବହୁତ ପଞ୍ଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନେବାରେ ଅସୁବିଧା କଣ, ନେବା ପାଇଁ ଖୋର୍ଦ୍ଧା ଜିଲ୍ଲାର କେତେ ପ୍ରସ୍ତାବ ରହିଛି ଓ କେଉଁ କେଉଁ ରାସ୍ତାର ନିର୍ଦ୍ଦିଷ୍ଟଭାବେ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବା ସହିତ ସରକାରଙ୍କର ଆଗାମୀ ଦିନରେ କଣ ଆଉ ନୂତନ ପ୍ରସ୍ତାବ ଅଛି ଅବଗତ କରାଇଦେବେ କି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ**, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ :-

ପଞ୍ଚାୟତ ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସ୍ଥାପିତ ନିୟମାବଳୀ ଏବଂ ମିଳୁଥିବା ଅନୁଦାନକୁ ଦୃଷ୍ଟିରେ ରଖି ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥାଏ । ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ଏବଂ ରାଜ୍ୟର ଅନ୍ୟ ଜିଲ୍ଲାର କୌଣସି ପଞ୍ଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ବର୍ତ୍ତମାନ ସୁଧା ଯୋଜନା ନାହିଁ ।

## LED Street Light ଲଗାଯିବାର ନୀତି

*** ନଂ 100**– ଶ୍ରୀ ଧ୍ରୁବ ଚରଣ ସାହୁ - ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟ ସରକାରଙ୍କର ପୌରାଞ୍ଚଳ ଗୁଡିକରେ LED Street Light ଲଗାଯିବାର କୌଣସି ନିର୍ଦ୍ଦିଷ୍ଟ ନୀତି ଅଛି କି ; କେଉଁ ଆଧାରରେ କେଉଁ କେଉଁ ପୌରସଂସ୍ଥା ଗୁଡିକରେ 2019-2020, 2020-2021 ଆର୍ଥିକ ବର୍ଷରେ କେତେ LED Street Light ଲଗାଯାଇଅଛି ; ଆସନ୍ତା ଆର୍ଥିକ ବର୍ଷରେ କେତେ LED Street Light ଲଗାଯିବା ପାଇଁ ଯୋଜନା ଅଛି ଓ ଏଥିପାଇଁ କେତେ ଆର୍ଥିକ ବ୍ୟୟ ବରାଦ କରାଯାଇଅଛି ?

ଉତ୍ତର

ଶ୍ରୀ ପ୍ରତାପ ଜେନା ,
ମନ୍ତ୍ରୀ, ଗୃହ ନିର୍ମାଣ ଓ ପୌର ଉନ୍ନୟନ ,ଓଡିଶା

୧. ରାଜ୍ୟ ସରକାରଙ୍କର ଅଧୀନରେ ଥିବା ୫ ଟି ମହାନଗର ନିଗମ ଓ ୧୦୯ ଟି ପୌରସଂସ୍ଥାରେ ଅଧିକ ବିଦ୍ୟୁତ ଶକ୍ତି ବ୍ୟବହାର କରୁଥିବା ବଲ୍ବ ଗୁଡିକୁ ସମ୍ପୂର୍ଣ ରୂପେ ବଦଳାଯାଇ ତା ପରିବର୍ତ୍ତେ ଶକ୍ତି ସଞ୍ଚୟକାରୀ ଏଲ.ଇ.ଡି. ବଲ୍ବ ଓ ତାର ଆନୁଷଙ୍ଗିକ ସଲଗ୍ନ ଉପକରଣ ବ୍ୟବହାର କରିବା ପାଇଁ ଯୋଜନା କରାଯାଇଅଛି। ଏଥିସହିତ ଆଲୋକିକରଣ ବ୍ୟବସ୍ଥା ନଥିବା ସଡ଼କ ଗୁଡିକରେ ଗ୍ରୀନଫିଲ୍ଡ ପ୍ରକଳ୍ପ ମାଧ୍ୟମରେ ନୂତନ ଏଲ.ଇ.ଡି ଲଗାଯିବାର ବ୍ୟବସ୍ଥା ରହିଛି ।

୨। )କ) ୨୦୧୯-୨୦୨୦ ଓ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ରାଜ୍ୟରେ ଥିବା ୫ ଗୋଟି ମହାନଗର ନିଗମରେ NEESL ନାମକ ଘରୋଇ ସଂସ୍ଥା ଦ୍ୱାରା ମୋଟ ୭୮୦୨୯ ଟି ନୂତନ ଏଲ. ଇ. ଡି. ବଲ୍ବ ଓ ତାର ଆନୁଷଙ୍ଗିକ ସଲଗ୍ନ ଉପକରଣ ଲଗାଯାଇଅଛି । ଏତଦବ୍ୟତୀତ ବଳକା ୧୦୯ ପୌରସଂସ୍ଥାରେ ଉପରୋକ୍ତ ଆର୍ଥିକ ବର୍ଷରେ EESL ନାମକ ଘରୋଇ ସଂସ୍ଥା ଦ୍ୱାରା ମୋଟ ୨,୫୭,୭୭୨ ଟି ନୂତନ ଏଲ. ଇ. ଡି. ବଲ୍ବ ଓ ତାର ଆନୁଷଙ୍ଗିକ ସଲଗ୍ନ ଉପକରଣ ଲଗାଯାଇଅଛି ଏବଂ ୧୧୩ ଟି ପୌରାଞ୍ଚଳରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ମାଧ୍ୟମରେ ଆଲୋକିକରଣ ବ୍ୟବସ୍ଥା ନଥିବା ସଡ଼କ ଗୁଡିକରେ ୫ ଟି ଘରୋଇ ଉଦ୍ୟୋଗୀ ମାନଙ୍କ ସହାୟତାରେ ମୋଟରେ ୪୬,୬୯୨ ଟି ଏଲ. ଇ. ଡି. ବଲ୍ବ ଲଗାଯାଇଅଛି ।

)ଖ) ଆସନ୍ତା ଆର୍ଥିକ ବର୍ଷ ୨୦୨୧-୨୦୨୨ ରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ମାଧ୍ୟମରେ ୧୩,୨୭୪ ଟି LED Street Light ଲଗାଯିବାର ବ୍ୟବସ୍ଥା ରହିଛି ଓ ଏଥିପାଇଁ ୫୮.୬୬ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ କରାଯାଇଛି ।

## 1947 ଶିଳ୍ପ ବିବାଦ ଆଇନ ପରିବର୍ତ୍ତନ

*101. **ଶ୍ରୀ ନାଉରୀ ନାୟକ: ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି –** ରାଜ୍ୟରେ ଶିଳ୍ପ ବିବାଦ ଆଇନ, 1947 ରେ କି କି ପରିବର୍ତ୍ତନ ଅଣାଯାଇଛି, ଫଳରେ କେତେ ଶିଳ୍ପ ସଂସ୍ଥାକୁ ଅଦ୍ୟାବଧି କଟକଣାମୁକ୍ତ କରାଯାଇଛି, ସେସବୁ ଶିଳ୍ପ ସଂସ୍ଥାରେ ଅନ୍ୟୁନ କେତେ ଶ୍ରମିକ ରହିବା ବାଧ୍ୟତାମୂଳକ କରାଯାଇଛି, ସଂଶୋଧିତ ଆଇନ ବଳରେ କେତେ ଶିଳ୍ପ ସଂସ୍ଥା ବର୍ତ୍ତମାନ ସୁଦ୍ଧା କେତେ କେତେ ଶ୍ରମିକଙ୍କୁ ଛଟେଇ କରିଛନ୍ତି,

କେତେ ଶିଳ୍ପସଂସ୍ଥାରେ ତ୍ରୈମାସିକ ଓଭରଟାଇମ ସମୟସୀମା 75 ଘଣ୍ଟାରୁ 115 ଘଣ୍ଟାକୁ ବୃଦ୍ଧି ହୋଇଛି, କେତେ ଶ୍ରମିକ ଉପକୃତ ହୋଇଛନ୍ତି, କେତେ ଶିଳ୍ପ ସଂସ୍ଥାରେ କାର୍ଯ୍ୟକାଳ 8 ଘଣ୍ଟାରୁ 12 ଘଣ୍ଟାକୁ ବୃଦ୍ଧି କରାଯାଇଛି, ସେସବୁର ଜିଲ୍ଲାୱାରୀ ତଥ୍ୟ ଦେବେ କି, ରାଜ୍ୟ ଶିଳ୍ପ ଓ କାରଖାନା ଆଇନରେ ପରିବର୍ତ୍ତନ ପରେ କେତେ ଶିଳ୍ପ ସଂସ୍ଥାରେ କେତେ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି, କେତେ ନୂଆ ପୁଞ୍ଜିନିବେଶ ବୃଦ୍ଧି ପାଇବ ବୋଲି ଶ୍ରମ ବିଭାଗ ଆକଳନ କରିଛି ?

## ଉତ୍ତର

**ଶ୍ରୀ ସୁଶାନ୍ତ ସିଂହ,**
**ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ, ଓଡିଶା ।**

ଓଡିଶା ରାଜ୍ୟରେ ଶିଳ୍ପ ବିବାଦ ଆଇନ୍, 1947 ର ଧାରା 25-F ଏବଂ ଧାରା 25-K ର ସଂଶୋଧନ ନିମନ୍ତେ ଏକ ଅଧ୍ୟାଦେଶ ପ୍ରଣୟନ କରାଯାଇଥିଲା । ଏହି ଶିଳ୍ପ ବିବାଦ (ଓଡିଶା ସଂଶୋଧନ) ଅଧ୍ୟାଦେଶ, 2020 ର ଏକକିତା ନକଲ ***ପରିଶିଷ୍ଟ 'କ'*** ରେ ପ୍ରଦାନ କରାଗଲା । ଏହି ସଂଶୋଧନକୁ ନିୟମିତ କରିବା ଲାଗି ଶିଳ୍ପ ବିବାଦ (ଓଡିଶା ସଂଶୋଧନ) ବିଲ୍, 2020 ବିଧାନ ସଭାରେ ପାରିତ ହୋଇ ମାନ୍ୟବର ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଗି ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପ୍ରେରଣ କରାଯାଇଅଛି ।

ଏହି ସଂଶୋଧନ ଫଳରେ ଏକ ଶହରୁ ଉର୍ଦ୍ଧ୍ୱ ଏବଂ ତିନି ଶହରୁ କମ୍ ସଂଖ୍ୟକ ଶ୍ରମିକ ନିଯୁକ୍ତି କରୁଥିବା ଶିଳ୍ପ ସଂସ୍ଥା (ମୋଟ 516 ଗୋଟି ପଞ୍ଜିକୃତ କରଖାନା) ମାନଙ୍କୁ ଲେ-ଅଫ (Lay-off) ଛଟେଇ (Retrenchment) ଏବଂ ବନ୍ଦ (Closure) କରିବା ପାଇଁ ସରକାରଙ୍କ ଠାରୁ ଅନୁମୋଦନ ପ୍ରାପ୍ତ କରିବା କଟକଣାମୁକ୍ତ କରାଯାଇଅଛି । ଏହି ସଂଶୋଧନ ଫଳରେ କେତେ ସଂଖ୍ୟକ ଶ୍ରମିକ ରହିବା ବାଧ୍ୟତାମୂଳକ କରାଯାଇନାହିଁ । ସଂଶୋଧିତ ଆଇନ ବଳରେ କୌଣସି ଶ୍ରମିକ ଛଟେଇ ହୋଇଥିବାର ସୂଚନା ସରକାରଙ୍କର ହସ୍ତଗତ ହୋଇନାହିଁ ।

ଏହି ସଂଶୋଧନ ବଳରେ ଶିଳ୍ପ ସଂସ୍ଥାରେ ଓଭରଟାଇମ ଏବଂ କାର୍ଯ୍ୟକାଳ ସମୟ ସୀମା ବୃଦ୍ଧି କରାଯାଇନାହିଁ ।

ପରନ୍ତୁ, କାରଖାନା (ଓଡିଶା ସଂଶୋଧନ) ଆଇନ, 2020କୁ ଓଡିଶା ସରକାର ତା.16.10.2020ରିଖରେ ଓଭରଟାଇମ ସୀମା 75 ଘଣ୍ଟାକୁ ବୃଦ୍ଧି କରି 115 ଘଣ୍ଟାକୁ କରିଛନ୍ତି ।

କୋଭିଡ-19 ମହାମାରୀ ସମୟରେ ରାଜ୍ୟରେ ଥିବା ବିଭିନ୍ନ ଶିଳ୍ପ ଓ ଶିଳ୍ପାନୁଷ୍ଠାନ ସଙ୍ଘଙ୍କ ଅନୁରୋଧକ୍ରମେ ଗତ ତା. 08.05.2020ରିଖରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏକ ବିଜ୍ଞପ୍ତି ଜରିଆରେ କାରଖାନା ଆଇନ, 1948 ରେ କୋହଳ କରି ଦୈନିକ ପାଳି କାର୍ଯ୍ୟକାଳ ସମୟସୀମା 8 ଘଣ୍ଟାକୁ ବୃଦ୍ଧି କରି ଦୈନିକ 12 ଘଣ୍ଟା ପର୍ଯ୍ୟନ୍ତ କରିଥିଲେ । ଏହାର କାର୍ଯ୍ୟକାଳ ଅବଧି ମାତ୍ର ତିନି ମାସ ଥିଲା (8 ମଇ, 2020 ରୁ 7 ଅଗଷ୍ଟ, 2020) ।

ଅପ୍ରେଲ 2020 ଠାରୁ ଅଦ୍ୟାବଧି ରାଜ୍ୟର State Level Single Window Clearance Authority (SLSWCA) ମାଧ୍ୟମରେ **1,17,803.68** କୋଟି ଟଙ୍କାର 52 ଗୋଟି ଶିଳ୍ପ ସଂସ୍ଥାର ଅନୁମୋଦନ କରାଯାଇଅଛି, ଯାହା ମାଧ୍ୟମରେ **53,876** ଜଣଙ୍କ ପାଇଁ ନିଯୁକ୍ତିର ସମ୍ଭାବନା ଅଛି ।

**ସମ୍ଭାବ୍ୟ ପ୍ରଶ୍ନୋତ୍ତର**

**ପ୍ରଶ୍ନ:** କେଉଁ ପରିସ୍ଥିତିରେ ରାଜ୍ୟରେ ଶିଳ୍ପ ବିବାଦ ଏବଂ କାରଖାନା ଆଇନରେ ସଂଶୋଧନ କରିବା ଜରୁରୀ ହୋଇପଡିଥିଲା ?

**ଉତ୍ତର:** 12.02.2020 ଦିନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି ମାନଙ୍କ ସହ ଅନୁଷ୍ଠିତ ହୋଇଥିବା ଶ୍ରମ ସଂସ୍କାର ସମ୍ବନ୍ଧୀୟ ବୈଠକରେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରାଳୟ ଶିଳ୍ପ ବିବାଦ ଆଇନ, 1947 ଏବଂ କାରଖାନା ଆଇନ, 1948 ରେ ସଂଶୋଧନ ଆଣି ଉକ୍ତ ଆଇନର ପ୍ରୟୋଗ ଲାଗି ଦ୍ୱାରସୀମା ବୃଦ୍ଧି କରିବାର ପ୍ରସ୍ତାବ ଦେଇଥିଲେ । ଅନ୍ୟ ରାଜ୍ୟ ଯଥା- ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ହରିୟାନା, ଗୁଜୁରାଟ, ପଞ୍ଜାବ, ମହାରାଷ୍ଟ୍ର, ରାଜସ୍ଥାନ ନିଜ ନିଜ ରାଜ୍ୟରେ ଏହି ଦୁଇ ଆଇନକୁ ସଂଶୋଧନ କରିସାରିଛନ୍ତି ।

ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଅଧିକ ପୁଞ୍ଜିବିନିଯୋଗ ଲାଗି, କରୋନା ମହାମାରୀ ଦ୍ୱାରା କବଳିତ ତଥା କ୍ଷତିଗ୍ରସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମୂହ ନିମନ୍ତେ ଅନୁକୂଳ ତଥା ସୌହାଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରି ଅର୍ଥନୈତିକ କାର୍ଯ୍ୟର ଉତଥାନ ଲାଗି, ରାଜ୍ୟ କ୍ୟାବିନେଟ କାରଖାନା ଆଇନ, 1948 ଏବଂ ଶିଳ୍ପ ବିବାଦ ଆଇନ, 1947 ରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଥିଲେ । ରାଜ୍ୟ ବିଧାନସଭାର ଅଧିବେଶନ ଚାଲୁନଥିବାରୁ ମାନ୍ୟବର ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ମାନ୍ୟବର ରାଜ୍ୟପାଳ ଶିଳ୍ପ ବିବାଦ (ଓଡିଶା ସଂଶୋଧନ) ଅଧ୍ୟାଦେଶ, 2020 ତା.15.07.2020 ରିଖ ଦିନ ଏବଂ କାରଖାନା (ଓଡିଶା ସଂଶୋଧନ) ଅଧ୍ୟାଦେଶ, 2020 ତା.16.10.2020 ରିଖ ଦିନ ପ୍ରଣୟନ କରିଥିଲେ ।

ଓଡିଶା ରାଜ୍ୟରେ ଶିଳ୍ପ ବିବାଦ ଆଇନ୍, 1947 ର ଧାରା 25-F ଏବଂ ଧାରା 25-K ର ସଂଶୋଧନ ନିମନ୍ତେ ଏକ ଅଧ୍ୟାଦେଶ ପ୍ରଣୟନ କରାଯାଇଥିଲା । ଏହି ଶିଳ୍ପ ବିବାଦ (ଓଡିଶା ସଂଶୋଧନ) ଅଧ୍ୟାଦେଶ, 2020 ର ଏକକିତା ନକଲ ***ପରିଶିଷ୍ଟ 'କ'*** ରେ ପ୍ରଦାନ କରାଗଲା । ଏହି ସଂଶୋଧନକୁ ନିୟମିତ କରିବା ଲାଗି ଶିଳ୍ପ ବିବାଦ (ଓଡିଶା ସଂଶୋଧନ) ବିଲ୍, 2020 ବିଧାନ ସଭାରେ ପାରିତ ହୋଇ ମାନ୍ୟବର ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଗି ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପ୍ରେରଣ କରାଯାଇଅଛି ।

ଏହି ସଂଶୋଧନର ଫଳରେ ଏକ ଶହରୁ ଉର୍ଦ୍ଧ୍ୱ ଏବଂ ତିନି ଶହରୁ କମ୍ ସଂଖ୍ୟକ ଶ୍ରମିକ ନିଯୁକ୍ତି କରୁଥିବା ଶିଳ୍ପ ସଂସ୍ଥା ମାନଙ୍କୁ ଲେ-ଅଫ (Lay-off) ଛଟେଇ (Retrenchment) ଏବଂ ବନ୍ଦ (Closure) କରିବା ପାଇଁ ସରକାରଙ୍କ ଠାରୁ ଅନୁମୋଦନ ପ୍ରାପ୍ତ କରିବା କଟକଣାମୁକ୍ତ କରାଯାଇଅଛି । ଅନ୍ୟୁନ କେତେ ସଂଖ୍ୟକ ଶ୍ରମିକ ରହିବେ ଏହା ବାଧ୍ୟତାମୂଳକ କରାଯାଇନାହିଁ କିମ୍ବା ସଂଶୋଧିତ ଆଇନ ବଳରେ କୌଣସି ଶ୍ରମିକ ଛଟେଇ ହୋଇନାହାନ୍ତି ।

ତ୍ରୈମାସିକ ଓଭରଟାଇମ ସମୟସୀମା 75 ଘଣ୍ଟାରୁ 115 ଘଣ୍ଟାକୁ କାରଖାନା (ଓଡିଶା ସଂଶୋଧନ) ଅଧ୍ୟାଦେଶ, 2020 ଦ୍ୱାରା ବୃଦ୍ଧି କରାଯାଇଅଛି । ଏହି ଅଧ୍ୟାଦେଶର ନକଲ ***ପରିଶିଷ୍ଟ 'ଖ'*** ରେ ପ୍ରଦାନ କରାଗଲା । ବର୍ତ୍ତମାନ ଏହି ଅଧ୍ୟାଦେଶକୁ ନିୟମିତ କରି କାରଖାନା ଆଇନ, 1948 ରେ ସଂଶୋଧନ କରିବା ଲାଗି କାରଖାନା (ଓଡିଶା ସଂଶୋଧନ) ଆଇନ, 2020 ବିଧାନସଭାରେ ପାରିତ ହୋଇ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ମାନ୍ୟବର ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଅଛି । କୋଭିଡ ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ କାରଖାନା ମାନଙ୍କରେ ଉତ୍ପାଦନ ବୃଦ୍ଧି ଲକ୍ଷରେ ଦୈନିକ କାର୍ଯ୍ୟ ସମୟର ସୀମା ଓଭରଟାଇମ ସହ 8 ଘଣ୍ଟାରୁ 12 ଘଣ୍ଟାକୁ ଏକ ଅଧିସୂଚନା ଦ୍ୱାରା ବୃଦ୍ଧି କରାଯାଇଥିଲା । ଏହି ଅଧିସୂଚନାଟି ମାତ୍ର 3 ମାସ ପାଇଁ (08.05.2020 ରୁ 07.08.2020) ବୈଧ ଥିଲା ।

ରାଜ୍ୟରେ ଶିଳ୍ପ ବିବାଦ ଓ କାରଖାନା ଆଇନର ପରିବର୍ତ୍ତନ ପୂର୍ଣ୍ଣମାତ୍ରାରେ ମହାମହିମ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଲାଗୁ କରାଯାଇପାରିବ I ମାତ୍ର, ଇତିମଧ୍ୟରେ ରାଜ୍ୟ ସରକାର 52 ଗୋଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି, ଯାହାଦ୍ୱାରା **1,17,803.68** କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ **53,876** ଟି ନୂତନ ନିଯୁକ୍ତି ସୃଷ୍ଟି ହେବ I

ଓଡିଶା ରାଜ୍ୟ ଶିଳ୍ପ ବିବାଦ ଆଇନ୍, 1947 ରେ ଏକ ସଂଶୋଧନ ଅଣାଯାଇ ଏହାକୁ ଶିଳ୍ପ ବିବାଦ (ଓଡିଶା ସଂଶୋଧନ) ଆଇନ, 2020 ନାମରେ ଅଭିହିତ କରାଯାଇଅଛି I ସଂଶୋଧିନ ଆଇନ୍ ***ପରିଶିଷ୍ଟ 'କ'*** ରେ ପ୍ରଦାନ କରାଗଲା I

**ପ୍ରଧାନମନ୍ତ୍ରୀ ସଡକ ଯୋଜନା N.B.C.C. ଦ୍ୱାରା ରାସ୍ତା ନିର୍ମାଣ**

SAQ No.104 . ଶ୍ରୀ ସାଲୁଗା ପ୍ରଧାନ : ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି: -କନ୍ଧମାଳ ଜିଲ୍ଲାରେ କେତେଗୋଟି ପ୍ରଧାନମନ୍ତ୍ରୀ ସଡକ ଯୋଜନା N.B.C.C. ଦ୍ୱାରା ରାସ୍ତା ନିର୍ମାଣ କରିଛି ସେଥିମଧ୍ୟରୁ କେତେଗୋଟି ରାସ୍ତା କାମ ସରିଯାଇଛି ଆଉକେତେ ଗୋଟି ରହିଅଛି ଏବଂ ସରିଯାଇଥିବା ରାସ୍ତା ମରାମତି କରାଯାଇନାହିଁ ତାହାରି ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ , ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ :-**

କନ୍ଧମାଳ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ N.B.C.C. କୁ ସର୍ବମୋଟ 71 ଗୋଟି ରାସ୍ତାର କାର୍ଯ୍ୟ ଦିଆଯାଇଥିଲା । ତନ୍ମଧ୍ୟରୁ 57 ଗୋଟି ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ଏବଂ 14 ଗୋଟି ରାସ୍ତାର କାର୍ଯ୍ୟ ଚାଲୁରହିଅଛି। ଏହି କାର୍ଯ୍ୟ ଗୁଡିକର ଏକ ବିବରଣୀ ପରିଶିଷ୍ଟ 'କ' ମାଧ୍ୟମରେ ସଂଯୁକ୍ତ କରାଗଲା ।

N.B.C.C. ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା 57 ଟି ରାସ୍ତା (242.99 କି.ମି.) ଠିକାଦାରଙ୍କର 5 ବର୍ଷିଆ ରକ୍ଷଣାବେକ୍ଷଣ ଚୁକ୍ତି ଅବଧି ମଧ୍ୟରେ ରହିଅଛି । ଉକ୍ତ ରାସ୍ତା ଗୁଡିକର ମରାମତି କାର୍ଯ୍ୟ ଚୁକ୍ତିନାମା ଅନୁଯାୟୀ ନିୟମିତ ଚାଲୁରହିଅଛି ।

**NAC ର କର୍ମଚାରୀଙ୍କୁ ଦରମା ପ୍ରଦାନ**

*** ୧୦୬.** ଶ୍ରୀ ସନ୍ତୋଷ ସିଂ ସାଲୁଜା : ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) କଣ୍ଟାବାଞ୍ଜି NAC ରେ ବିଗତ 12 ରୁ 13 ବର୍ଷରୁ କାର୍ଯ୍ୟ କରୁଥିବା ସଫାଇ କର୍ମଚାରୀ ଏବଂ ଅଫିସ କର୍ମଚାରୀ (DLR) Executive Officer ଙ୍କ ଦ୍ୱାରା DLR ଭାବରେ ନିଯୁକ୍ତି ପତ୍ର ପାଇଥିଲେ ମଧ୍ୟ କଣ୍ଟାବାଞ୍ଜି NAC ଏହି 61 ଜଣ କର୍ମଚାରୀଙ୍କୁ ଦରମା ଦେଉନଥିବା କଥା ସରକାର ଜାଣନ୍ତି କି ; (ଖ) ରାଜ୍ୟ ସରକାର କଣ୍ଟାବାଞ୍ଜି NAC ର ସମସ୍ତ କର୍ମଚାରୀ ମାନଙ୍କୁ ପ୍ରତିମାସ ଦରମା ଦେବାର ବ୍ୟବସ୍ଥା କରାଇବେ କି ?

**ଉତ୍ତର**

ଶ୍ରୀ ପ୍ରତାପ ଜେନା,ମନ୍ତ୍ରୀ,
ଗୃହ ନିର୍ମାଣ ଓ ନଗର ଉନ୍ନୟନ,ଓଡିଶା

(କ) କଣ୍ଟାବାଞ୍ଜି NAC ରେ ଦୈନିକ ମଜୁରି ହିସାବରେ କାର୍ଯ୍ୟରତ ଥିବା ସଫେଇ ଓ ଅଫିସ
କର୍ମଚାରୀଙ୍କ କୌଣସି ପ୍ରାପ୍ୟ ବକେୟା ନାହିଁ
ଉପରୋକ୍ତ କର୍ମଚାରୀ ୦୧-୦୧-୨୦୨୧୦ରୁ କାର୍ଯ୍ୟରେ ଯୋଗ ନ ଦେଇ ନଥିବା

କାରଣରୁ ସେମାନଙ୍କୁ କୌଣସି ପାରିଶ୍ରମିକ ବା ମଜୁରି ପ୍ରଦାନ କରାଯାଇନାହିଁ
(ଖ) କଣ୍ଟାବାଞ୍ଜି N.A.C.ରେ କାର୍ଯ୍ୟରତ ସମସ୍ତ କର୍ମଚାରିମାନଙ୍କୁ ପ୍ରତିମାସରେ ଦରମା ପ୍ରଦାନ କରାଯାଉଛି ।

ସମ୍ଭାବ୍ୟ ଉତ୍ତର

୧ କଣ୍ଟାବାଞ୍ଜି ଏନଏସିର ସଫେଇ କାମକୁ ଘରୋଇକରଣ କରାଯିବାକୁ ବିରୋଧ କରି ଦୈନିକ ମଜୁରି ପାରିଶ୍ରମିକ ହିସାବରେ କାମ କରୁଥିବା ସଫେଇ କର୍ମଚାରୀ ୦୧.୦୧.୨୦୨୧ ରୁ କାର୍ଯ୍ୟ ରେ ଯୋଗ ଦେଉନାହାନ୍ତି ।

୨ କଣ୍ଟାବାଞ୍ଜି ଏନଏସିର ସଫେଇ କାମକୁ ଘରୋଇକରଣ ନେଇଥିବା ସଂସ୍ଥା 'ପ୍ରତ୍ୟୁଷ' ସେମାନଙ୍କ ଦ୍ୱାରା ନିୟୋଜିତ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବ ।

**ଜରାଜୀର୍ଣ୍ଣ ରାସ୍ତା ପୁନଃ ନିର୍ମାଣ**

**SAQ No. 110- ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ**: ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ କେତେ କି.ମି ଦୈର୍ଘ୍ୟ ବିଶିଷ୍ଟ କେଉଁ କେଉଁ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ତନ୍ମଧ୍ୟରୁ କେତେ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଏହାକୁ ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ**, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ :-

ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ମୋଟ ୫୬.୮୬୪ କି.ମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଛି ଏବଂ ଏହି ରାସ୍ତାଗୁଡିକର ସବିଶେଷ ବିବରଣୀ ପରିଶିଷ୍ଟ 'କ' ମାଧ୍ୟମରେ ପ୍ରଦାନ କରାଗଲା । ଏହି ସମସ୍ତ ରାସ୍ତାଗୁଡିକ ମଧ୍ୟରୁ କୌଣସି ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ନାହିଁ ।

## ଦେବଗଡ ସହରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

**SAQ* 112 :** ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ :ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି -: ଦେବଗଡ ସହରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ବ୍ରାହ୍ମଣୀ ନଦୀରୁ ଯୋଗାଇ ଦେବାର ବ୍ୟବସ୍ଥା ସରକାରଙ୍କର ନଜରକୁ ଆସିଛି କି; ଯଦି ଆସିଥାଏ କେବେ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ?

**ଉତ୍ତର**

ଶ୍ରୀ ପ୍ରତାପ ଜେନା,

ମନ୍ତ୍ରୀ , ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଓଡିଶା

ଦେବଗଡ ସହରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ବ୍ରାହ୍ମଣୀ ନଦୀରୁ ଯୋଗାଇ ଦେବାର ବ୍ୟବସ୍ଥା ସରକାରଙ୍କର ନଜରକୁ -୨୦୨୦ ଆସିଛି। ଏଥିପାଇଁ ଚଳିତ୨୦୨୧ ଆର୍ଥିକ ବର୍ଷରେ ଦେବଗଡ ସହରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ବାରକୋଟ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଜଳ ଉତ୍ସ ଭାବରେ ଗ୍ରହଣ କରି ୪୨୮୦ଲକ୍ଷ ଟଙ୍କାର ଏକ ବ୍ୟୟ ଅଟକଳ ୦୦. ଯାଇଛି ଏବଂ ଏହି ପ୍ରକଳ୍ପ ନିମନ୍ତେ ସର୍ବେକ୍ଷଣ କାର୍ଯ୍ୟ ଚାଲୁରହିଛି । ଏହାର ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ କରା ମଞ୍ଜୁରି ମିଳିବା ପରେ ଆବଶ୍ୟକ ଟେଣ୍ଡର ଆହ୍ୱାନ କରାଯାଇ ୨ ବର୍ଷ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କରା ଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି।

ଦୃଷ୍ଟିରେ ରଖି ସମସ୍ତ ସହରାଞ୍ଚଳରେ ପାଇପ ଏତଦ ବ୍ୟତୀତ ଦେବଗଡ ସହରରେ ପାନୀୟ ଜଳର ଆବଶ୍ୟକତା କୁ -୨୦୨୦ ବିଛାଇବା ପାଇଁ୨୦୨୧ ଆର୍ଥିକ ବର୍ଷରେ ୫୬୮ଗୋଟି ପ୍ରକଳ୍ପର କାର୍ଯ୍ୟ ନିମିତ୍ତ ଟେଣ୍ଡ ୩ ଲକ୍ଷ ଟଙ୍କାର ୦୦.ର ଆହ୍ୱାନ କରାଯାଇଅଛି। ଏହାର ବିବରଣୀ ସଂଲଗ୍ନ କରାଗଲା ।

**ରାସ୍ତାଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗ**

**SAQ No. 114- ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ** : ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସୁନ୍ଦରଗଡ ଜିଲ୍ଲାରେ ଥିବା ଗାଁମାନଙ୍କରେ ଅଣଓସାରିଆ ରାସ୍ତା ଗୁଡିକୁ ସହଜରେ ଆମ୍ବୁଲାନ୍ସ, ଟ୍ରାକ୍ଟର ଓ ପୋଲିସ ଗାଡି ଗଲାଭଳି ଚଉଡା ରାସ୍ତା ନିର୍ମାଣ କରିବାସହ ସବୁରାସ୍ତା ଗୁଡିକୁ ବ୍ଲକ ର ମୁଖ୍ୟ ରାସ୍ତା ସହ ସଂଯୋଗ କରିବା ପାଇଁ RD ବିଭାଗ ତୁରନ୍ତ ପଦକ୍ଷେପ ନେବେ କି ; ବିଭାଗ ତରଫରୁ ଯେଉଁ ରାସ୍ତାସବୁ ନିର୍ମାଣ ହେଲେ ସେଗୁଡିକ ଅତି ନିମ୍ନମାନର ହେଉଥିବାରୁ ନିର୍ମାଣ ସରିବାର ଅଳ୍ପ ଦିନ ଭିତରେ ବର୍ଷାରେ ଧୋଇଯାଉଛି ; ଖାଲ, ଗାତ ଇତ୍ୟାଦି ସୃଷ୍ଟି ହେଉଛି ବୋଲି ସରକାର ଜାଣନ୍ତି କି; ଯଦି ନା ତେବେ ଠିକାଦାରମାନେ କାମ କରୁଥିବାବେଳେ ବିଭାଗର ଯନ୍ତ୍ରୀମାନେ ତଦାରଖ କରି ଉନ୍ନତମାନର କାମ ସହ ପ୍ରତି ପଞ୍ଚାୟତରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ, ମରମତି, ରଙ୍ଗ ମାରିବା ଭଳି ଆଧୁନିକୀକରଣ ପାଇଁ ବ୍ୟବସ୍ଥା କରିବେ କି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ**, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ :-

ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା PMGSY/MMSY/ plan road/ DMF/ OMBADC/ ଯୋଜନାରେ ରାସ୍ତାଗୁଡିକର ଓସାର ସାଧାରଣତଃ 7.5 ମି. ଓ carriage way ର ଓସାର 3.75ମି ହୋଇଥାଏ । ଯେଉଁ ସ୍ଥାନରେ ଜମିର ଓସାର କମ ଥାଏ ସେଠାରେ ରାସ୍ତା ଗୁଡିକର ଓସାର 7.5 ମି ସ୍ଥାନରେ 6.0ମି. କରାଯାଇଥାଏ । ସବୁ ରାସ୍ତା ଗୁଡିକୁ ବ୍ଲକର ମୁଖ୍ୟ ରାସ୍ତା ସହ ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର କୋଣସି ସ୍ୱତନ୍ତ୍ର ଯୋଜନା ନାହିଁ । ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀନରେ ଥିବା ରାସ୍ତା ଓ କୋଠା ବାଡି ଗୁଡ଼ିକର ରକ୍ଷଣ ବେକ୍ଷଣ ଓ ଉନ୍ନତି କରଣ ଗ୍ରାମ୍ୟ ଉନ୍ନୟନ ବିଭାଗ କରିଥାଏ ।

କୋଣସି ରାସ୍ତାକାର୍ଯ୍ୟ ନିମ୍ନମାନର ଏବଂ କାଯ୍ୟ ସମାପ୍ତି ପରବର୍ତ୍ତୀ ପର୍ଯ୍ୟାୟରେ କୋଣସି ତ୍ରୁଟି ପରିଲିକ୍ଷିତ ହେଲେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଅଛି ଏବଂ ଠିକାଦାରରଙ୍କ ନିଜସ୍ୱ ଅର୍ଥରେ ଏହି କାର୍ଯ୍ୟ ଗୁଡିକର ମରାମତି ଓ ପୁନଃ ନିର୍ମାଣ କରାଯାଉଅଛି ।

ରାସ୍ତା ନିର୍ମାଣ ସମୟରେ କାଯ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ ଠିକାଦାରମାନେ କାର୍ଯ୍ୟ କରୁଥିବା ବେଳେ ବିଭାଗର ଯନ୍ତ୍ରୀମାନେ କାର୍ଯ୍ୟର ଉପଯୁକ୍ତ ତଦାରଖ କରି ଉନ୍ନତମାନର କାର୍ଯ୍ୟ କରୁଛନ୍ତି । ଏତଦବ୍ୟତିତ PMGSY କାର୍ଯ୍ୟ 3ସ୍ତରୀୟ ଗୁଣବତା ଯାଞ୍ଚର ବ୍ୟବସ୍ଥା ରହିଅଛି।

ପ୍ରତି ପଞ୍ଚାୟତରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ, ମରାମତି, ରଙ୍ଗ ମାରିବା ଭଳି ଆଧୁନିକୀକରଣ କାର୍ଯ୍ୟ ପାଇଁ P&C Department resolution no. 3489 dtd.3.3.2020 ଅନୁସାରେ ଗ୍ରାମ୍ୟ ଉନୟନ ବିଭାଗର ପରିସରଭୁକ୍ତ ନୁହେଁ । ତେଣୁ ଉକ୍ତ କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କୌଣସି ପ୍ରସ୍ତାବ ନାହିଁ ।

## ପ୍ରତ୍ୟେକ ଗୃହକୁ ସ୍ୱରେଜ ସଂଯୋଗ

**SAQ 116. ଶ୍ରୀ ଜୟନାରାୟଣ ମିଶ୍ର :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବି.ଏମ୍.ସି. (Bhubaneswar Municipal Corporation) ର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସରକାର କ'ଣ ବ୍ୟବସ୍ଥା କରିଛନ୍ତି; ସ୍ୱରେଜ ବ୍ୟବସ୍ଥା କେତୋଟି ଗୃହକୁ ସଂପ୍ରସାରିତ ହୋଇଛି; ପ୍ରତ୍ୟେକ ଘରକୁ ସ୍ୱରେଜ ସଂଯୋଗ କେବେ ସୁଦ୍ଧା ଯୋଗାଇ ଦିଆଯିବ ?

ଉତ୍ତର

ଶ୍ରୀ ପ୍ରତାପ ଜେନା,
ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଓଡିଶା

ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ନିର୍ଗତ ତଥା ଗୃହରୁ ଗୃହ ସଂଗୃହୀତ ହେଉଥିବା ବର୍ଜ୍ୟବସ୍ତୁର ବିକେନ୍ଦ୍ରିତ ପ୍ରକ୍ରିୟାକରଣ ଓ ପରିଚାଳନା ନିମନ୍ତେ 43ଟି Micro Composting Centre (MCC) ଏବଂ 16ଟି Material Recovery Facility (MRF) Centre ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଉଅଛି ।

ଏହି 43ଟି MCC ମଧ୍ୟରୁ ବର୍ତ୍ତମାନ ସୁଦ୍ଧା 42ଟିର କାର୍ଯ୍ୟ ଆଗେଇଚାଲି 8ଟି ସଂପୂର୍ଣ୍ଣ ଏବଂ କାର୍ଯ୍ୟକ୍ଷମ ହୋଇସାରିଅଛି । 10ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଅଛି ଏବଂ 24 ଟିର ନିର୍ମାଣ ଶେଷ ପର୍ଯ୍ୟାୟରେ ଅଛି ।

16ଟି MRF Centre ର ନିର୍ମାଣ କାର୍ଯ୍ୟ ମଧ୍ୟରୁ ଗୋଟିଏର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହା ଚାଲୁଅଛି , ଆଉ 2ଟି MRFର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ 13ଟି MRFର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଅଛି ।

ଅଦ୍ୟାବଧି ଭୁବନେଶ୍ୱର ସହରର 42753ଟି ଗୃହକୁ ସ୍ୱରେଜ ବ୍ୟବସ୍ଥା ସଂପ୍ରସାରିତ ହୋଇଅଛି ।

ଭୁବନେଶ୍ୱର ସହରରେ ଥିବା 5ଟି ସ୍ୱରେଜ ବିଶୋଧନାଗାର ମଧ୍ୟରୁ WATCO ଅଧୀନରେ ଥିବା 4ଟି ବିଶୋଧନ କେନ୍ଦ୍ର କାର୍ଯ୍ୟକ୍ଷମ ଅଛି ଏବଂ ପଞ୍ଚମ ପ୍ରକଳ୍ପଟିର  ନିର୍ମାଣ କାର୍ଯ୍ୟ JICA ଦ୍ୱାରା ଚାଲୁଅଛି । ଏହି ସବୁ ପ୍ରକଳ୍ପ ଚଳିତ ବର୍ଷ ମଧ୍ୟରେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯାଉଅଛି, ଯଦ୍ୱାରା ଭୁବନେଶ୍ୱର ସହରର ସମସ୍ତ ଗୃହକୁ ସ୍ୱରେଜ ସଂଯୋଗ ଯୋଗାଇ ଦିଆଯାଇପାରିବ ।

**ରାସ୍ତା ସଂଯୋଗୀକରଣ**

**SAQ No.୧୧୮ . ଶ୍ରୀ ଅନନ୍ତ ଦାସ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପ୍ରଥମେ କାର୍ଯ୍ୟକାରୀ କରାଯାଉଥିବାବେଳେ habitation (ପଡା ଗ୍ରାମକୁ) ଏକକ ଧରାନଯାଇ ରାଜସ୍ୱ ଗ୍ରାମକୁ ଏକକ ଧରାଯାଇ ଥିବା ଯୋଗୁଁ ଓଡିଶାରେ ବହୁ habitation ଗୁଡିକୁ ରାସ୍ତା ସଂଯୋଗ କରାନଯାଇ ପାରିବା ସତ୍ୟ କି, ଏଥିଯୋଗୁଁ ଓଡିଶାରେ ହଜାର ହଜାର ପଡା ଗାଁକୁ ରାସ୍ତା ସଂଯୋଗ ହୋଇପାରିନଥିବାରୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ରାଜ୍ୟ ସରକାର ଆରମ୍ଭ କରିଥିଲେ ମଧ୍ୟ ଆବଶ୍ୟକ ମୁତାବକ ରାସ୍ତା ନିର୍ମାଣ କରାଯାଇପାରୁନାହିଁ, ଏପରି ଗୁରୁତର ସମସ୍ୟାକୁ କେନ୍ଦ୍ର ସରକାରଙ୍କଠାରେ ଉପସ୍ଥାପନ କରି ସମସ୍ତ ପଡା ଗ୍ରାମକୁ ରାସ୍ତା ସଂଯୋଗ କରିବା ପାଇଁ ବ୍ୟବସ୍ଥା କରିବେ କି ?

**ଉତ୍ତର**

**ଶ୍ରୀ ସୁଶାନ୍ତ ସିଂହ , ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ :-**

PMGSY ଯୋଜନାର ନିୟମ ଅନୁସାରେ ଗୋଟିଏ habitation ହେଉଛି ବସବାସ କରୁଥିବା ଲୋକମାନଙ୍କ ସମୂହ ଯାହା ସମୟ ଅନୁସାରେ ବଦଳେ ନାହିଁ ଏବଂ ଏହାର ୫୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା hamlet (ସାହି ବା ପଡ଼ା) ଗୁଡିକର ଜନସମୂହଙ୍କ ସମଷ୍ଟିକୁ ନେଇ ଜନସଂଖ୍ୟା ନିର୍ଦ୍ଧାରଣ କରଯାଇଥାଏ I ସେହିପରି ଏକ ସବୁଦିନିଆ ରାସ୍ତାଠାରୁ ସାଧାରଣ ଅଂଚଳରେ ୫୦୦ ମିଟର ଦୁରତା ଓ ପାହାଡିଆ ଅଂଚଳରେ ୧.୫୦ କିଲୋମିଟର ଦୂରତାରେ ଥିବା habitation ଓ ତାହାର hamlet କୁ ସଂଯୋଜିତ ଗ୍ରାମ ହିସାବରେ ଏହି ଯୋଜନାରେ ବିବେଚନା କରାଯାଇଥାଏ I ଏହି ସବୁ ନିୟମାବଳୀ ଆଧାରରେ ୨୦୦୧ ଜଣଗଣନାକୁ (Census Data) ଭିତ୍ତିକରି PMGSY ରେ ଏକ Core Network ପ୍ରସ୍ତୁତ କରାଯାଇଥିଲା I ଏହି Core Network ଅନୁସାରେ ୧୨ ଟି Non-IAP ଜିଲ୍ଲା ଗୁଡିକରେ ୫୦୦ ରୁ ଉର୍ଦ୍ଧ୍ୱ ଅସଂଯୋଜିତ ଜନବସତି, ୧୮ଟି IAP ଜିଲ୍ଲା ଗୁଡିକରେ ୨୫୦ରୁ ଉର୍ଦ୍ଧ୍ୱ ଅସଂଯୋଜିତ ଜନବସତି ଏବଂ ନକ୍ସଲ ପ୍ରଭାବିତ ୩୮ ଗୋଟି ବ୍ଲକରେ ୧୦୦ ରୁ ଉର୍ଦ୍ଧ୍ୱ ଅସଂଯୋଜିତ ଜନବସତି ଗୁଡିକୁ ଜନସଂଖ୍ୟା ଅଗ୍ରାଧିକାର ଭିତ୍ତିରେ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗିକରଣ କରିବା ପାଇଁ କେନ୍ଦ୍ରସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନୁମୋଦନ କରିଥାନ୍ତି I

୨୦୦୧ ଜନଗଣନାକୁ (Census Data) ଭିତ୍ତିକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟବିବେଚିତ ଅସଂଯୋଜିତ ଗ୍ରାମ ଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଅଛି I ଏହି ଯୋଜନାରେ hamlet (ପଡ଼ା ଓ ବସ୍ତି) ଗୁଡିକୁ ଅନ୍ତର୍ଭୁକ୍ତ କରିବାପାଇଁ କୌଣସି ବ୍ୟବସ୍ଥା ନାହିଁ I

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଯୋଗ୍ୟ ବିବେଚିତ ହେଉନଥିବା କିମ୍ବା ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁନଥିବା ଜନବସତିରେ ସଡକ ଯୋଗାଯୋଗ ଆବଶ୍ୟକତାକୁ ପୂରଣ କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ରାଜ୍ୟରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନା: 2014-15 ରେ ଆରମ୍ଭ କରିଛନ୍ତି I ଏଥିରେ ୧୦୦ ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମମାନଙ୍କୁ ରାସ୍ତା ଯୋଗାଇଦେବାର ବ୍ୟବସ୍ଥା ରହିଥିଲା I ପରବର୍ତ୍ତୀ ସମୟରେ ରାଜ୍ୟ ସରକାର

ପରିବର୍ତ୍ତନ କରି ଯେକୌଣସି ଜନସଂଖ୍ୟା ବିଶିଷ୍ଟ ଦୁର୍ଗମ ଓ ଅପହଞ୍ଚ ଆବଶ୍ୟକତା ଗ୍ରାମ ମାନଙ୍କୁ ସବୁଦିନିଆ ରାସ୍ତା ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ।

**ପାନୀୟ ଜଳର ଆବଶ୍ୟକତା ପୂରଣ**

SAQ *120 - ଶ୍ରୀ ସୁଧୀର କୁମାର ସାମଲ:- ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି- ଢେଙ୍କାନାଳ ସହରରେ ଦୈନିକ କେତେ ଜଳର ଆବଶ୍ୟକତା ଥିବା ବେଳେ କେଉଁ କେଉଁ ଉତ୍ସରୁ କେତେ ଜଳ ଯୋଗାଇ ଦିଆଯାଉଛି ଓ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

**ଉତ୍ତର**

ଶ୍ରୀ ପ୍ରତାପ ଜେନା,
ମନ୍ତ୍ରୀ , ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଓଡିଶା

ଢେଙ୍କାନାଳ ସହରର ବର୍ତ୍ତମାନ ଅନୁମାନିକ ଲୋକ ସଂଖ୍ୟା ୭୭,୫୫୪ ଅଟେ । ଦୈନିକ ମୁଣ୍ଡ ପିଛା ୧୩୫ ଲିଟର ହିସାବରେ ୧୦.୪୭ ନିୟୁତ ଲିଟର ପାନୀୟ ଜଳର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ୫୧ ଟି ବୃହତ ବ୍ୟାସ ବିଶିଷ୍ଟ ଗଭୀର ନଳକୂପ ମାଧ୍ୟମରେ ୯.୩୯ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି । କେଉଁ କେଉଁ ଉତ୍ସରୁ କେତେ ଜଳ ଯୋଗାଇ ଦିଆଯାଉଛି ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| SLNo | Location | No of larger Dia Production | Supply Capacity |
|---|---|---|---|
| ୧) | ବ୍ରାହ୍ମଣୀ କୂଳ | -୧୨ ଟି | =୫,୦୦ ନିୟୁତ ଲିଟର |
| ୨) | ମହିଷା ପାଟ ଓ ବାଞ୍ଚ କୁସୁମ | - ୮ ଟି | =୩.୦୦ ନିୟୁତ ଲିଟର |
| ୩) | ଗଜମରା | - ୧ଟି | =୦ .୧୦ ନିୟୁତ ଲିଟର |
| ୪) | ବାଙ୍କୁଆଳ | - ୩ ଟି | =୦.୨୦ ନିୟୁତ ଲିଟର |
| ୫) | ଜନସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ର | -୧ ଟି | =୦.୦୩ ନିୟୁତ ଲିଟର |
| ୬) | ଖମରୀ ସାହି | -୧ ଟି | =୦.୦୫ ନିୟୁତ ଲିଟର |
| ୭) | ଶ୍ୟାମା ଚରଣପୁର | -୨ ଟି | = ୦.୧୭ ନିୟୁତଲିଟର |
| ୮) | ସିମିଳିଆ | -୨ ଟି | = ୦.୦୯ ନିୟୁତ ଲିଟର |

| | | |
|---|---|---|
| ୯) କୁଞ୍ଜକାନ୍ତ ପୋଖରୀ ପାଖ | -୨ ଟି | =୦.୦୯ ନିୟୁତ ଲିଟର |
| ୧୦) ପୁରାତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ | -୧ ଟି | =୦.୦୨ ନିୟୁତ ଲିଟର |
| ୧୧) ଭଗବାନପୁର | -୩ ଟି | =୦.୧୭ ନିୟୁତ ଲିଟର |
| ୧୨) ଲଳିତ ନଗର | -୧ ଟି | =୦.୦୫ ନିୟୁତ ଲିଟର |
| ୧୩) ରାଜ୍ୟ ପରିବହନ ନିଗମ ପାଖ | -୧ ଟି | =୦.୦୨ ନିୟୁତ ଲିଟର |
| ୧୪) ଆନନ୍ଦ ନଗର | -୬ ଟି | =୦.୨୦ ନିୟୁତଲିଟର |
| ୧୫) ଢେଙ୍କାନାଳ ଅଟୋନମସ କଲେଜ | -୭ ଟି | =୦.୨୦ ନିୟୁତ ଲିଟର |
| | ମୋଟ ୫୧ ଟି | =୯.୩୯ ନିୟୁତ ଲିଟର |

ସହରର ବର୍ତ୍ତମାନର ଆବଶ୍ୟକତା ପୂରଣ ତଥା ସମସ୍ତ ଅଞ୍ଚଳରେ ପାଇପ ବିଛାଇବା କାର୍ଯ୍ୟ ଏବଂ ଶତ ପ୍ରତିଶତ ଗୃହକୁ ପାନୀୟ ଜଳ ସଂଯୋଗ କରିବା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୨୬୭.୫୯ ଲକ୍ଷ ଟଙ୍କା ମୂଲ୍ୟର ୧୧ (ଏଗାର) ଟି ପ୍ରକଳ୍ପ ଅନୁମୋଦନ କରାଯାଇ କାର୍ଯ୍ୟକାରୀ କରାଯିବା ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଯାଇ ଅଛି । ଯାହାର ସୂଚୀ ଏଥି ସହିତ ସଂଲଗ୍ନ କରାଗଲା ।